# ଅନ୍ତିମ ପର୍ଯ୍ୟାୟ ପରୀକ୍ଷା – ଜୁନ୍ ୨୦୧୯

Course Code
MAOD - 08

## ସ୍ନାତକୋତ୍ତର ଓଡ଼ିଆ କାର୍ଯ୍ୟକ୍ରମ

### (ଆଧୁନିକ ଓଡ଼ିଆ ନାଟକ, ପ୍ରବନ୍ଧ, ରମ୍ୟରଚନା, ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ ଓ ସମାଲୋଚନା)

**ସମୟ – ୩ଘଣ୍ଟା** **ପୂର୍ଣ୍ଣସଂଖ୍ୟା - ୧୦୦**

(‘କ’ ବିଭାଗରୁ ଯେକୌଣସି ପାଞ୍ଚଟି, ‘ଖ’ ବିଭାଗରୁ ଚାରୋଟି, ‘ଗ’ ବିଭାଗରୁ ଚାରୋଟି ଏବଂ ‘ଘ’ ବିଭାଗରୁ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖ।)

**‘କ’ବିଭାଗ**

**ପ୍ର: ୧) ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ଲେଖ। (ପ୍ରତିଟି ୫୦ ଶବ୍ଦ ମଧ୍ୟରେ) (୨ x ୫ = ୧୦)**

କ) ମୁକ୍ତଧାରା ନାଟକର ପୃଷ୍ଠଭୂମି କ’ଣ ଥିଲା ?

ଖ) ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ନାଟକ ସମ୍ପର୍କରେ ସଂକ୍ଷେପରେ ଲେଖ।

ଗ) ଓଡ଼ିଆ ପ୍ରବନ୍ଧର ଆଦ୍ୟପ୍ରକାଶ କ୍ଷେତ୍ରରେ ଅବଦାନ ରଖିଥିବା ତିନୋଟି ପତ୍ରିକାର ନାମ ଲେଖ।

ଘ) ‘ବିବେକୀ’ ପ୍ରଥମେ କେଉଁ ପତ୍ରିକାରେ ଆତ୍ମପ୍ରକାଶ କରିଥିଲା ?

ଙ) ଚିତ୍ତରଞ୍ଜନ ଦାସଙ୍କ ପାଞ୍ଚଟି ପ୍ରବନ୍ଧ ଗ୍ରନ୍ଥର ନାମୋଲ୍ଲେଖ କର।

ଚ) ‘ପେକିଂ ଡାଏରୀ’ର ମୁଖ୍ୟାଂଶ ପ୍ରଦାନ କର।

ଛ) ଭ୍ରମଣ କାହାଣୀର ପ୍ରକାରଭେଦ ନିର୍ଣ୍ଣୟ କର।

ଜ) ‘ନୂତନ ସମାଲୋଚନା’ କହିଲେ କ’ଣ ବୁଝାଯାଏ ?

**‘ଖ’ ବିଭାଗ**

**ପ୍ର: ୨) ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଲେଖ। (ପ୍ରତିଟି ୧୦୦ ଶବ୍ଦ ମଧ୍ୟରେ) (୫ x ୪ = ୨୦)**

କ) ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ନାଟକର ସଂଜ୍ଞା ଓ ସ୍ୱରୂପ ସଂକ୍ଷେପରେ ଲେଖ।

ଖ) ଓଡ଼ିଆ ‘ରମ୍ୟରଚନା’ର ପରିଭାଷା ସମ୍ପର୍କରେ ନିଜସ୍ୱ ଟିପ୍ପଣୀ ପ୍ରଦାନ କର।

ଗ) ‘ବିବେକୀ’ କେଉଁ ପତ୍ରିକାରେ ପ୍ରଥମେ ପ୍ରକାଶ ପାଇଥିଲା ? ଏହାକୁ ରମ୍ୟରଚନା କୁହାଯିବାର ତାତ୍ପର୍ଯ୍ୟ କ’ଣ ?

ଘ) ଉତ୍ତମ ପ୍ରବନ୍ଧ ରଚନାର ଉପାଦାନ ଗୁଡ଼ିକ ବର୍ଣ୍ଣନା କର।

ଙ) ‘ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ’ର ସମୀକ୍ଷା ସଂକ୍ଷେପରେ ଲେଖ।

ଚ) ଓଡ଼ିଆ ସମାଲୋଚନା ସାହିତ୍ୟର ରୂପରେଖ ସଂକ୍ଷେପରେ ପ୍ରଦାନ କର।

**‘ଗ’ ବିଭାଗ**

**ପ୍ର: ୩) ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଲେଖ। (ପ୍ରତିଟି ୨୦୦ ଶବ୍ଦ ମଧ୍ୟରେ) (୧୦ x ୪ = ୪୦)**

କ) ‘କାଠଘୋଡ଼ା’ ନାଟକର ସମୀକ୍ଷା ପ୍ରଦାନ କର।

ଖ) ‘ପ୍ରବନ୍ଧ’ କାହାକୁ କୁହାଯାଏ ? ସଂଜ୍ଞା ପ୍ରଦାନପୂର୍ବକ ପ୍ରବନ୍ଧର ସ୍ୱରୂପ ବର୍ଣ୍ଣନା କର।

ଗ) ପତ୍ରପତ୍ରିକାରେ ପ୍ରକାଶିତ ରମ୍ୟରଚନାର ସ୍ୱରୂପ ନିର୍ଣ୍ଣୟ କର।

ଘ) ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିବା ସହ ପ୍ରତିଷ୍ଠିତ ଓଡ଼ିଆ ଜୀବନୀ ଓ ଆତ୍ମଜୀବନୀର ତିନୋଟି ଲେଖାଏଁ ନାମୋଲ୍ଲେଖ କର।

ଙ) ‘ଦୀପଂଜ୍ୟୋତି’ କେଉଁ ପ୍ରକାରର ରଚନା ? ବିଶ୍ଳେଷଣାତ୍ମକ ସମୀକ୍ଷା ଲେଖ।

**‘ଘ’ ବିଭାଗ**

**ପ୍ର: ୪) ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖ। (ପ୍ରତିଟି ୩୦୦ ଶବ୍ଦ ମଧ୍ୟରେ) (୧୫ x ୨ = ୩୦)**

କ) ୧୯୩୫ ମସିହା ପୂର୍ବବର୍ତ୍ତୀ ପ୍ରମୁଖ ଓଡ଼ିଆ ନାଟ୍ୟକାରଙ୍କ ବିଶ୍ୱେଷତ୍ୱ ବିଶ୍ଳେଷଣ କର।

ଖ) ସ୍ୱାଧୀନତା ପୂର୍ବବର୍ତ୍ତୀ ରମ୍ୟରଚନାର ବିକାଶକ୍ରମରେ ତୁମକୁ କେଉଁ ଲେଖକ ଅଧିକ ପ୍ରଭାବଶାଳୀ ମନେ ହୁଅନ୍ତି ? କାରଣ ସହ ଉତ୍ତର ଲେଖ।

ଗ) ଓଡ଼ିଆ ସାହିତ୍ୟରେ ଉପଲବ୍ଧ ସାହିତ୍ୟଧର୍ମୀ ଭ୍ରମଣ କାହାଣୀ ସମ୍ପର୍କରେ ବିସ୍ତୃତ ଆଲୋଚନା କର।

—